୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.193 Bhubaneswar Saturday September 07 2024 | ୨୬ତମ ବର୍ଷ ସଂଖ୍ୟା–୧୯୩ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୦୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS



ବକ୍ର ତୁଣ୍ଡ ମହାକାୟ
ସୂର୍ଯ୍ୟକୋଟି ସମପ୍ରଭ
ନିର୍ବିଘ୍ନଂ କୁରୁମେ ଦେବ
ସର୍ବ କାର୍ଯ୍ୟେଷୁ ସର୍ବଦା

## କେବେ ଚେତିବ ବିଜେଡି: ପାଣ୍ଡିଆନ-ବବିଙ୍କ ମାମଲାତିରେ ପଡୁନି ପୂର୍ଣ୍ଣଚ୍ଛେଦ, ଦଳ ଛାଡିପାରନ୍ତି ଆଉ ୨ ସାଂସଦ

ଭୁବନେଶ୍ୱର,୬।୯(ପି.ଏନ): ସମାନ ଢଙ୍ଗର ଅଭିଯୋଗ ଆଣି ରାଜ୍ୟସଭା ସାଂସଦ ମମତା ମହନ୍ତଙ୍କ ପରେ ସୁଜିତ୍ କୁମାର ଆଜି ବିଜେଡିକୁ ବାଏବାଏ କରି ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟସଭାରେ ବିଜେଡିର ସାଂସଦ ସଂଖ୍ୟା ୭କୁ ହ୍ରାସ ପାଇଛି ଓ ଆସନ୍ତା ଡିସେମ୍ବର ସୁଦ୍ଧା ଆଉ ୨ରୁ ୩ଜଣ ସାଂସଦ ପର୍ଯ୍ୟାୟକ୍ରମେ ବିଜେଡି ଛାଡିବାର ଆଶଙ୍କା ରହିଛି । ଲୋକସଭାରେ ଦଳର ଜଣେ ବି ସାଂସଦ ନଥିବାବେଳେ ରାଜ୍ୟସଭାରୁ ଦଳୀୟ ସାଂସଦମାନଙ୍କ ଇସ୍ତଫାକ୍ରମ ବିଜେଡି ପାଇଁ ଶକ୍ତଧକ୍କା ପାଲଟିଛି । ୩ମାସ ପୂର୍ବରୁ ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟ ଓ ଏବେ ଜଣକପରେ ଜଣେ ସାଂସଦ ଦଳ ଛାଡୁଥିଲେ ମଧ୍ୟ ବିଜେଡିର ଚେତା ପଶୁନି । ଦଳ ସେହି ପୁରୁଣା ଫର୍ମାଟରେ ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ ଓ ତାଙ୍କ ଖାସ୍ ସହଯୋଗୀ ପ୍ରଣବପ୍ରକାଶ ଦାସ(ବବି)ଙ୍କ ମାମଲାତିରେ ପରିଚାଳିତ



ହେବାରେ ଲାଗିଛି, ଯାହାକି ବିଜେଡିରେ ଅସନ୍ତୋଷକୁ ଅଧିକ ଉଗ୍ର କରାଇଥିବା ଜଣାପଡିଛି । ମମତା ମହନ୍ତଙ୍କ ଶୈଳୀରେ ସୁଜିତ୍ ଆଜି ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବାର କିଛି ଘଣ୍ଟା ମଧ୍ୟରେ ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି । ଏପଟେ ବିଜେଡି ତାଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ବହିଷ୍କାର କରିଛି । ତେବେ ସୁଜିତଙ୍କ ରାଜ୍ୟସଭାରେ ବାକିଥିବା ଆଉ ପ୍ରାୟ ଦେ ?ବର୍ଷ(୨୦୨୬ ମାର୍ଚ୍ଚ ଶେଷ) ଅବଧି ପାଇଁ ବିଜେପି ତାଙ୍କୁ ପୁଣିଥରେ ରିପିଟ୍ କରିବ ନା ଅନ୍ୟ କାହାକୁ ରାଜ୍ୟସଭା ପଠାଇବ ତାହା ଜଣାପଡିନି । ମାତ୍ର ମମତା ଓ ସୁଜିତ୍ ରାଜ୍ୟସଭା ପଦ ଛାଡିବା ପରେ ବିଜେଡିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଦଳୀୟ କର୍ମୀଙ୍କଠୁ ଆରମ୍ଭ କରି ଆଗଧାଡିର ନେତାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିପାଇଁ ପାଣ୍ଡିଆନଙ୍କୁ ଦାୟୀ କରୁଥିବା ଜଣାପଡିଛି ।

## ପୁରୀ ସମୁଦ୍ର କୂଳରେ କଣ୍ଟେନରକୁ ନେଇ ବଢୁଛି ସସପେନ୍ସ, ବାହାରୁଛି ଅଜବ ବାସ୍ନା

ପୁରୀ,୬।୯(ପି.ଏନ): ପୁରୀରୁ ଆସିଲା ବଡ ଖବର । ପୁରୀ ସମୁଦ୍ର କୂଳରେ ଲାଗିଲା ଅଜଣା କଣ୍ଟେନର । ଗୁରୁବାର ଏହା ପାଣିରେ ଭାସୁଥିବାବେଳେ ଆଜି କୂଳରେ ଲାଗିଥିବା ଦେଖିବାକୁ ମିଳିଛି । ଏହାକୁ ଦେଖିବା ପାଇଁ ବେଳାଭୂମୀରେ ଲୋକଙ୍କ ଭିଡ ବଢିବାରେ ଲାଗିଛି । ତେବେ ସବୁଠାରୁ ବଡ ପ୍ରଶ୍ନବାଚୀ ହେଲା ଏହା ଭିତରେ ଅଛି କଣ ଏହା ଜାଣିବା ପାଇଁ ସମସ୍ତଙ୍କ ମନରେ ଉତ୍କଣ୍ଠା ଭରି ରହିଛି । କିଛି ଲୋକେ ଏଥିରୁ ଅଜଣା ବାସ୍ନା ବାହାରୁଥିବା ମଧ୍ୟ କହିଛନ୍ତି । ଏତେ ଭାରି ଜିନିଷ କେଉଁଠାରୁ ଆସିଲା, ଏହା ଭିତରେ କଣ ରହିଛି ଯାହା ଜାଣିବା ପାଇଁ ଲୋକେ ଗହଳି ଜମାଇଛନ୍ତି ।ସୂଚନା ଅନୁସାରେ, ଗୁରୁବାର ପୁରୀ ବେଳାଭୂମୀରେ ମତ୍ସ୍ୟଜୀବୀମାନେ ଏକ ଅଜଣା କଣ୍ଟେନର ଦେଖିଥିଲେ । ଏହାପରେ ସେମାନେ ଏହାକୁ ଡଙ୍ଗା ଓଲଟି ଯାଇଥିବା ଭାବି ସାହାଯ୍ୟ କରିବା ପାଇଁ ଯାଇଥିଲେ । କିନ୍ତୁ ପାଖକୁ ଯାଇ ଦେଖିବା ପରେ ଏହା କଣ୍ଟେନର ବୋଲି ଜାଣିଥିଲେ । କଣ୍ଟେନରକୁ କୂଳକୁ ଆଣିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଭାରି ଜିନିଷକୁ ଆଣିବାରେ ସକ୍ଷମ ନହେବାରୁ ସେମାନେ ଚାଲି ଆସିଥିଲେ । ହେଲେ ହଠାତ ଆଜି ସକାଳେ କଣ୍ଟେନରଟି କୂଳରେ ଆସି ଲାଗିଥିବା ଦେଖାଯାଇଛି । ତେବେ ସ୍ଥାନୀୟବାସିନ୍ଦାଙ୍କ କହିବା ଅନୁସାରେ, ଜାହାଜରେ କଣ୍ଟେନର ରପ୍ତାନୀ କିମ୍ବା ଆମଦାନୀ ହେଉଥିବା ବେଳେ ଏହା ଖସି ଯାଇଥିବା ଅନୁମାନ କରାଯାଉଛି । କିନ୍ତୁ ସ୍ଥାନୀୟ ପ୍ରଶାସନ ଏବଂ ପୋଲିସର ସହଯୋଗରେ ଏହାକୁ ଖୋଲିବା ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ।

## ଆଇନ୍ ଛାତ୍ରୀ ଦୁଷ୍କର୍ମ ମାମଲାର ଖିଅ ଖୋଜି ଖୋଜି ପୁଲିସ୍ ପହଞ୍ଚିଲା ଗର୍ଭପାତ ସେଣ୍ଟରରେ

ଭୁବନେଶ୍ୱର,୬।୯(ପି.ଏନ); ଆଇନ୍ ଛାତ୍ରୀ ଦୁଷ୍କର୍ମ ମାମଲାର ଖିଅ ଖୋଜି ଖୋଜି ପୁଲିସ୍ ପହଞ୍ଚିଛି ଗର୍ଭପାତ ସେଣ୍ଟରରେ । ୨୦୨୨ ମସିହାରେ କଟକରେ ଯେଉଁ ନର୍ସିଂହୋମ୍‌କୁ ସିଲ୍ କରାଯାଇଥିଲା, ସେଠାରେ ଏବେ ବେଆଇନ୍ ଭାବେ ଚାଲୁଛି ଗର୍ଭପାତ ! ଏହି ମାମଲାରେ କେନ୍ଦ୍ରାପଡା ପୁଲିସ୍ ମୁଖ୍ୟଅଭିଯୁକ୍ତଙ୍କୁ ମିଶାଇ ୯ ଜଣଙ୍କ ଗିରଫ କରିଛି । ଯେଉଁଥିରେ ୩ ଜଣ ମହିଳା ଅଛନ୍ତି ।ପଟ୍ଟାମୁଣ୍ଡାଇ ମଠସାହିର ପରେଶ ବାରିକ ଜଣେ ବିବାହିତ ବ୍ୟକ୍ତି । ସେ ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରନ୍ତି । ଫେସ୍‌ବୁକ୍‌ରେ ସେ ଜଣେ ଆଇନ୍ ଛାତ୍ରୀଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ବନ୍ଧୁତା ସମ୍ପର୍କ ନେଇଥିଲା ପ୍ରେମର ରୂପ ।

## ଜିଲ୍ଲା ଜେଲ୍ ସୁପରିଟେଣ୍ଡେଣ୍ଟଙ୍କ ଘରେ ଭିଜିଲାନ୍ସର ଚଢ଼ାଉ

କେନ୍ଦୁଝର,୬।୯(ପି.ଏନ): ସକାଳୁ ସକାଳୁ ଭିଜିଲାନ୍ସର ଚଢ଼ାଉ । କେନ୍ଦୁଝର ଜିଲ୍ଲା ମୁଖ୍ୟ କାରାଗାରର ସୁମପରିଟେଣ୍ଡେଣ୍ଟଙ୍କ ଘରେ ଚଢ଼ାଉ କରିଛି ଭିଜିଲାନ୍ସ । ଜେଲ୍ ସୁପରିଟେଣ୍ଡେଣ୍ଟ ସତ୍ୟପ୍ରକାଶ ସ୍ୱାଇଁଙ୍କ ଘରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗକୁ ନେଇ ଭିଜିଲାନ୍ସର ଚଢ଼ାଉ ଜାରି ରହିଛି ।ସୂଚନାନୁଯାୟୀ, ଜେଲ୍ ସୁପରିଟେଣ୍ଡଣ୍ଟ ସତ୍ୟପ୍ରକାଶ ସ୍ୱାଇଁଙ୍କର କେନ୍ଦୁଝରରେ ଥିବା ବାସଭବନ ସମେତ ୭ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ । ତେବେ କେନ୍ଦୁଝର, ଭଦ୍ରକ ଓ ଭୁବନେଶ୍ୱରରେ ଭିଜିଲାନ୍ସର ଚଢ଼ାଉ ଜାରି ରହିଛି ।

## ଜମ୍ମୁ-କଶ୍ମୀର ପାଇଁ ବିଜେପିର ଇସ୍ତାହାର: ୩୭୦କୁ ନେଇ ଏମିତି କହିଲେ ଅମିତ ଶାହ

ଭୁବନେଶ୍ୱର,୬।୯(ପି.ଏନ): ଜମ୍ମୁ-କଶ୍ମୀରରେ ଦୀର୍ଘ ୧୦ ବର୍ଷ ପରେ ଆସନ୍ତା ୧୮ ତାରିଖରୁ ବିଧାନସଭା ପାଇଁ ଭୋଟ ପଡିବ । ଏହାପୂର୍ବରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଆଜି ବିଜେପି ପକ୍ଷରୁ ନିର୍ବାଚନୀ ଇସ୍ତାହାର ବା ପ୍ରତିଶ୍ରୁତି ପତ୍ର ଜାରି କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହାକୁ ଜାରି କରିଛନ୍ତି ।ଜମ୍ମୁ-କଶ୍ମୀରରେ ବିଜେପି ସରକାର ଗଠନ କରିବା ପରେ ରଜୌରୀରେ ଗୋଟିଏ ନୂଆ ଟୁରିଷ୍ଟ ହବ ତିଆରି କରାଯିବ । ସେହିପରି ଉପତ୍ୟକାରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଜମ୍ମୁରେ ମଧ୍ୟ ଏକାଧିକ ପର୍ଯ୍ୟଟନ ସ୍ଥଳୀ ହେବ ଓ ବିଜେପି




କଶ୍ମୀର ପଣ୍ଡିତଙ୍କ ସମେତ ସମସ୍ତ ବିସ୍ଥାପିତଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବ ବୋଲି ଇସ୍ତାହାରରେ କୁହାଯାଇଛି । ନିର୍ବାଚନୀ ଇସ୍ତାହାରରେ କୁହାଯାଇଛି ଯେ ଆମେ ଜମ୍ମୁ କଶ୍ମୀରରେ ଟିକା ଲାଲ ଟାପଲୋ ବିସ୍ଥାପିତ ସମାଜ ପୁନର୍ବାସ ଯୋଜନା(ଟିଏଲଟିଭିପିଓ୍ୱାଇ) ଲଞ୍ଚ କରିବୁ । ଏହି ଯୋଜନାରେ କଶ୍ମୀର ପଣ୍ଡିତଙ୍କ ସୁରକ୍ଷିତ ଘର ବାହୁଡା ହେବ । ସେମାନଙ୍କୁ ଏଠାରେ ସବୁ ପ୍ରକାରର ସୁବିଧା ଯୋଗାଇ ଦିଆଯିବ ।

## ଆଇ ଲଭ ୟୁ-୨ର ଧମକାଦା ରିଲିଜ୍



କଟକ/ଭୁବନେଶ୍ୱର,(ପି.ଏନ): ଆଜି ପବିତ୍ର ଗଣେଶ ପୂଜା ଉପଲକ୍ଷେ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଆଇ ଲଭ ୟୁ-୨ର ଧମକାଦାର ରିଲି ହୋଇଅଛି । ବସନ୍ତ ନାୟକ ଏଣ୍ଟରଟେନମେଣ୍ଟ ନିବେଦିତ ଓ ସଞ୍ଜୟ ନାୟକ ପ୍ରଯୋଜିତ ଆଇ ଲଭ ୟୁ-୨ର ନିର୍ଦ୍ଦେଶନା ଜଣାଶୁଣା ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ନବାଗତ ନାୟକ ଆଦିତ୍ୟ ଓ ନାୟିକା ଅପ୍‌ସରା ରାଣୀଙ୍କ ଅଭିନୟର ଯାଦୁ ସାଧାରଣ ଲୋକ ଓ ଯୁବପିଢ଼ିଙ୍କ ଦ୍ୱାରା ଆଦୃତ ହୋଇଅଛି । ଏହା ଏକ ଖାଣ୍ଟି ଓଡ଼ିଆ ସଂସ୍କୃତି ପରମ୍ପରା ଓ ଚାଲିଚଳନର ମନୋରଞ୍ଜନ ଧର୍ମୀ ସିନେମା ଅଟେ । ଫିଲ୍ମଟିର ବ୍ୟବସାୟିକ ସଫଳତା ନେଇ ଉଭୟ ପ୍ରଯୋଜକ ଓ ନିର୍ଦ୍ଦେଶକ ଯଥେଷ୍ଟ ଆଶାବାଦୀ ଅଛନ୍ତି ।

## ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହେଉଛି ସରକାରୀ ଚାକିରି !

ଗଜପତି ଜିଲ୍ଲାର ଜଣେ ପ୍ରାର୍ଥୀ । ଗତ ବର୍ଷ ଜୁଲାଇ ମାସରେ ପଂଚାୟତ ନିବାର୍‌ହୀ ଅଧିକାରୀ (ପିଇଓ) ପରୀକ୍ଷାରେ ୧୮୦ ମାର୍କରୁ ରଖିଥିଲେ ମାଇନସ୍ ୭ । ମାନେ ଶୂନଠାରୁ ବି କମ । କିଛି ମାସ ପରେ ଅର୍ଥାତ୍ ୨୦୨୪ ଏପ୍ରିଲ ମାସରେ ସେ ଫରେଷ୍ଟ ଗାର୍ଡ ପାଇଁ ଲିଖିତ ପରୀକ୍ଷା ଦେଲେ । ଆଉ ତାଙ୍କୁ ୧୫୦ ମାର୍କରୁ ମିଳିଲା ୧୦୦ ପରସେଣ୍ଟାଇଲ୍ ଅର୍ଥାତ୍ ପରୀକ୍ଷା ଦେଇଥିବା ପିଲାଙ୍କ ଭିତରେ ସର୍ବୋତ୍ତମ ପିଲା । ଯେଉଁ ପରୀକ୍ଷାର୍ଥୀ ପୂର୍ବରୁ ଶୂନ ମାର୍କ ବି ରଖି ପାରୁନଥିଲେ, ସେ ଏବେ କେମିତି



ସର୍ବୋଚ୍ଚ ବର୍ଗରେ ରହିପାରିଲେ, ତାହା ଆଶ୍ଚର୍ଯ୍ୟ ସୃଷ୍ଟି କରୁଛି ।ଏମିତି ଆଉ ଜଣେ ଗଜପତି ଜିଲ୍ଲା ପ୍ରାର୍ଥୀ ପୂର୍ବରୁ ପଂଚାୟତ ନିବାର୍‌ହୀ ଅଧିକାରୀ ପରୀକ୍ଷା ଦେଇ ରଖିଥିଲେ ମାତ୍ର ୯.୫ ମାର୍କ । ମାତ୍ର ଏବେ ଫରେଷ୍ଟ ଗାର୍ଡ ପରୀକ୍ଷାରେ ରଖିଛନ୍ତି ୯୯.୯୮୪ ପର୍ସେଣ୍ଟାଇଲ୍ ।

## ଅଡୁଆରେ ଭିନେଶ ଓ ବଜରଙ୍ଗ: ଇସ୍ତଫା ଗ୍ରହଣ କରିନି ରେଳବାଇ, କିନ୍ତୁ କଂଗ୍ରେସରେ ମିଶିଗଲେ

ଭୁବନେଶ୍ୱର,୬।୯(ପି.ଏନ): କଂଗ୍ରେସରେ ଯୋଗ ଦେଇ ଅଡୁଆରେ ରେସଲର ଭିନେଶ ଫୋଗାଟ ଓ ବଜରଙ୍ଗ ପୁନିଆ । ଉଭୟଙ୍କ ବିରୋଧରେ ହୋଇପାରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ । ଉଭୟ ନର୍‌ଦନ ରେଳବାଇରେ ଚାକିରି କରୁଥିଲେ । ହେଲେ ଆଜି ଉଭୟ ରେଳବାଇକୁ ଇସ୍ତଫାପତ୍ର ପଠାଇ ଦେଇ କଂଗ୍ରେସରେ ମିଶିଥିଲେ । ତେବେ ସେମାନଙ୍କ ଇସ୍ତଫାପତ୍ର ଏଯାଏ ରେଳ ବାଇ ପକ୍ଷରୁ ଗ୍ରହଣ କରାଯାଇ ନାହିଁ ।ସେମାନଙ୍କ ଇସ୍ତଫାପତ୍ର ଗ୍ରହଣ କରାଯିବ ନାହିଁ ବୋଲି ରେଳବାଇ କହି ନଥିଲେ ହେଁ ଏହା ଗ୍ରହଣ ନ ହେବା ଯାଏ ଉଭୟ କୌଣସି ରାଜନୀତି ଦଳ କିମ୍ବା ନିର୍ବାଚନ ଲଢ଼ି ନ ପାରିବାର ପ୍ରାବଧାନ ରହିଛି ।ନର୍‌ଦନ ରେଳବାଇରେ



ଫୋଗାଟ ଓଏସ୍‌ଡି ସ୍ପୋର୍ଟ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ସମାନ ପଦରେ ବଜରଙ୍ଗ ପୁନିଆ ମଧ୍ୟ ରହିଥିଲେ । କଂଗ୍ରେସରେ ମିଶିବା ପୂର୍ବରୁ ଉଭୟ ନିଜ ନିଜ ପଦରୁ ଇସ୍ତଫା ଦେଇଥିବା କହିଥିଲେ ।

## ସୁଭଦ୍ରା ଯୋଜନା ଆବେଦନରେ ମହିଳାଙ୍କୁ ଭ୍ରମିତ କଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ’: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୬।୯(ପି.ଏନ): ଯେଉଁମାନେ ମହିଳା ମାନଙ୍କୁ ଭ୍ରମିତ କରି ଅର୍ଥ ଆଦାୟ କରୁଛନ୍ତି, ସେମାନଙ୍କ ବିରୋଧରେ ୧୪୬୭୮ ହେଲ୍ପ ଲାଇନ ଜରିଆରେ ଅଭିଯୋଗ କରନ୍ତୁ । ଯିଏ ସୁଭଦ୍ରା ଯୋଜନା ନାଁରେ ସାଧାରଣ ହିତାଧିକାରୀଙ୍କୁ ହଇରାଣ କରୁଥିବ, ତାଙ୍କ ନାଁରେ ଅଭିଯୋଗ ଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅପିଲ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ସୁଭଦ୍ରା ଯୋଜନାରେ ସାଢେ ୩ ଲକ୍ଷ ଆବେଦନ ହୋଇସାରିଲାଣି ।ସୁଭଦ୍ରା ଯୋଜନା ଆବେଦନର କୌଣସି ଶେଷ ତାରିଖ ନାହିଁ । ଯେଉଁମାନେ ୧୭ ତାରିଖ ପରେ ବି ଆବେଦନ କରିବେ, ସେମାନେ ମଧ୍ୟ ଯୋଜନାରେ ସାମିଲ ହୋଇପାରିବେ ଏବଂ ସମାନ ଅନୁଦାନ ପାଇବେ । ଶେଷ ହିତାଧିକାରୀ ସାମିଲ ନହେବା ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ । ତେଣୁ ମୋ ସେବା କେନ୍ଦ୍ର ଓ ସିଏସସି ସେଣ୍ଟରରେ ଅଯଥା ଭିଡ଼ ଜମାନ୍ତୁ ନାହିଁ ବୋଲି ଅପିଲ କଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଆବେଦନ ବେଳେ କିଛି ସମୟ ପାଇଁ ସର୍ଭର ଡାଉନ୍ ରହୁଥିବ ।

# ଆମେରିକା ରାଜନୀତିରେ ଓଡ଼ିଆ ପୁଅର ଚମକ : ବିଦେଶ ମାଟିରେ ଚମକୁଛି ପଲ୍ଲି ପ୍ରତିଭା

ଓ୍ୱାଶିଂଟ/ନୂଆଦିଲ୍ଲୀ, (ପର୍ଯ୍ୟବେକ୍ଷକ ବ୍ୟୁରୋ), ୬।୯: ମୟୁରଭଞ୍ଜ ଜିଲାର ମୂଳ ବାସିନ୍ଦା । କର୍ମକ୍ଷେତ୍ର କିନ୍ତୁ ଆମେରିକା । ପରିବାର ସହ ଆମେରିକାରେ ରହୁଥିବା ମାନସ ସାହୁଙ୍କ ପୁଅ ସମୟ ସାହୁ ଏବେ ଆମେରିକାର ସକ୍ରିୟ ରାଜନୀତିରେ ପାଦ ଦେଇ ଚର୍ଚ୍ଚାରେ । ବୟସ ମାତ୍ର ୨୧ । ଆମେରିକାର ଡେମୋକ୍ରାଟିକ ପାର୍ଟିର ଜଣେ ସକ୍ରିୟ ସଦସ୍ୟ ହୋଇଥିବାବେଳେ ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହେବାକୁ ଥିବା କମଳା ହାରିସ ରାଜନୀତିରେ ସମୟଙ୍କ



ପ୍ରବେଶକୁ ସ୍ୱାଗତ କରିବା ସହ ତାଙ୍କ ଉଚ୍ଚକୋଟୀର ରାଜନୈତିକ ଭାଷଣକୁ ପସନ୍ଦ କରିବା କୋଟିକୋଟି ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ହୋଇଛି । ଆମେରିକା ଭଳି ପ୍ରଭାବଶାଳୀ ରାଷ୍ଟ୍ରର ସକ୍ରିୟ ରାଜନୀତିରେ ଓଡ଼ିଆ ପୁଅର ଏଭଳି ଚମକ ଏବେ ତାଙ୍କ ଗାଁ, ସମ୍ପର୍କୀୟଙ୍କ ପାଇଁ ଖୁସିର କାରଣ ହୋଇଛି । ପିଲାଟି ଦିନରୁ ରାଜନୀତିକ ପ୍ରତି ବେଶ ରୁଚି ରଖିଥିବା ସମୟ ଆଗାମୀ ଦିନରେ ଚାକିରି କରିବାକୁ ନିଷ୍ପତ୍ତି ନେଇଥିଲେ ହେଁ ରାଜନୀତି ହିଁ ତାଙ୍କର ପସନ୍ଦ ଓ ଏହାକୁ ସେ ଛାଡ଼ିପାରିବେ ନାହିଁ ବୋଲି କହିଛନ୍ତି । ସମୟଙ୍କ ପିତା ମାନସ ମୟୁରଭଞ୍ଜ ଜିଲାର ମୂଳ ବାସିନ୍ଦା ଅଟନ୍ତି । ତାଙ୍କର ଅଧିକାଂଶ ସମୟ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ବିତିଛି । ମାନସଙ୍କ ପିତା ରାୟଗଡ଼ାରେ ଚାକିରି କରିଥିବା ଯୋଗୁଁ ରାୟଗଡ଼ା ସହ ତାଙ୍କର ପରିଚୟ ବହୁ ପୁରୁଣା । ଚାକିରି ପାଇବା ପରେ ସେ ଆମେରିକା ଚାଲିଯାଇଥିଲେ । ପରିବାର ସହ ସେ ଆମେରିକାର ନ୍ୟୁ ହାମ୍ପସାୟାର ରାଜ୍ୟର ନାସୁଆ ସହରରେ ରୁହନ୍ତି । ଚାକିରି ଛାଡ଼ି ମାନସ ଏବେ ହୋଟେଲ ବ୍ୟବସାୟୀ ଭାବେ ପରିଚିତ । ତାଙ୍କ ପତ୍ନୀ ଆୟଲିନ ବନିକ୍ ଓ ଏକମାତ୍ର ପୁଅ ସମୟଙ୍କୁ ନେଇ ତାଙ୍କର ପରିବାର । ସମୟଙ୍କ ଜନ୍ମ ଆମେରିକାରେ । ୨୦୦୪ ମସିହା ଏପ୍ରିଲ ୧୯ତାରିଖରେ ଜନ୍ମିତ ସମୟ ଆମେରିକାର ନାଗରିକତ୍ୱ ଗ୍ରହଣ କରିଛନ୍ତି । ସମୟଙ୍କୁ ଯେତେବେଳେ ଚାରିବର୍ଷ ବୟସ ଅର୍ଥାତ୍ ଯେତେବେଳେ ସେ କଥାବାର୍ତ୍ତା କରି ଶିଖିଲେ ସେହି ସମୟରୁ ହିଁ ଆମେରିକା ରାଜନୀତି ଉପରେ ତାଙ୍କର ବେଶ ରୁଚି ଦେଖିବାକୁ ପାଇଥିଲେ ମାନସ । ୨୦୦୮ରେ ଡେମୋକ୍ରାଟିକ ଦଳର ବାରାକ୍ ଓବାମାଙ୍କ ରାଷ୍ଟ୍ରପତିତ୍ୱ ଚାଲିଥାଏ । କୁନି ବୟସରେ ମଧ୍ୟ ସେ ବାରାକ୍ ଓବାମାଙ୍କ ସମ୍ପର୍କରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିବା ଓ ଡେମୋକାଟ୍ରିକ ଦଳ ବିଷୟରେ ଜାଣିବା ପାଇଁ ବିଶେଷ ଆଗ୍ରହ ଦେଖାଉଥିଲେ । ତେବେ ପିଲା ବେଳୁ ରାଜନୀତି ବିଷୟରେ ମନ ନ



ଦେଇ ପାଠ ପଢ଼ିବାକୁ ପ୍ରଥମେ ପ୍ରଥମେ ମାନସ ତାଙ୍କୁ ବହୁ ଚେଷ୍ଟା କରିଥିଲେ । ସମୟ ଯେତେବେଳେ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କଲେ ସେହି ସମୟରେ ଛାତ୍ର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଛାତ୍ର ଜୀବନରେ ପାଠପଢ଼ା ସହ ରାଜନୀତିରେ ଅଧିକ ସମୟ ବିତାଉଥିଲେ ସମୟ । ତାଙ୍କୁ ପିତା,ମାତା ବାରଣ କରୁଥିଲେ ମଧ୍ୟ ରାଜନୀତିରେ ତାଙ୍କର ଅହେତୁକ ଆଗ୍ରହ ଦେଖି ତାଙ୍କୁ ରୋକିପାରି ନ ଥିଲେ । ୨୦୧୨ ମସିହାରେ ନିର୍ବାଚନ ପୂର୍ବବର୍ତ୍ତୀ ରାଲିରେ ଡେମୋକ୍ରାଟିକ ଦଳର ଛାତ୍ର ଦଳର ନେତୃତ୍ୱ ନେଇଥିଲେ ସମୟ । ୧୨ବର୍ଷ ବୟସରେ ରାଜନୀତିରେ ତାଙ୍କର ଏଭଳି ରୁଚି ଦେଖି ଡେମୋକ୍ରାଟିକ ଦଳର ନେତା ମଧ୍ୟ ସମୟଙ୍କୁ ବେଶ ପ୍ରଶଂସା କରିଥିଲେ । ୨୦୨୦ ମସିହାରେ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ ସମୟ । ହାଇସ୍କୁଲରେ ଭାଇସ ଚେୟାରମ୍ୟାନ ହେବାର ଗୌରବ ଅର୍ଜନ କରିଥିଲେ । ଡେମୋକ୍ରାଟିକ ଦଳର ପ୍ରାର୍ଥୀ ଭାବେ ସେ ରିପବ୍ଲିକ ପାର୍ଟି ପ୍ରାର୍ଥୀଙ୍କୁ ପରାସ୍ତ କରି ଚର୍ଚ୍ଚା ସାଉଁଟିଥିଲେ । ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରିଥିବା ସମୟ ଗତବର୍ଷ କଲେଜ ଜୀବନ ଆରମ୍ଭ କରିଛନ୍ତି । ୨୦୨୨/ ୨୩ରେ ସେ ଡେମୋକାଟ୍ରିକ ପାର୍ଟିର ଏକ ଗୁରୁ ଦାୟିତ୍ୱ ପାଇଥିଲେ । ହାଇସ୍କୁଲ ଡେମୋକ୍ରାଟ ଅଫ ଆମେରିକାର ସେ ନ୍ୟାସନାଲ ଚେୟାରମ୍ୟାନ ଭାବେ ମନୋନୀତ ହୋଇଥିଲେ । ଆମ ଦେଶର ବିଭିନ୍ନ ଜାତୀୟ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ପଦ ଭଳି ସମୟଙ୍କୁ ଏଭଳି ଗୁରୁ ଦାୟିତ୍ୱ ଅର୍ପଣ କରାଗଲା । ସମୟ ଡେମୋକ୍ରାଟିକ ଦଳର ସର୍ବକନିଷ୍ଠ ସଦସ୍ୟ ଭାବେ ଏଭଳି ଗୁରୁ ଦାୟିତ୍ୱ ପାଇଥିଲେ । ସକ୍ରିୟ ରାଜନୀତିରେ କଲେଜ ପଢୁଆ ସମୟଙ୍କ ଏଭଳି ଯୋଗଦାନ ତାଙ୍କ ସମସାମୟିକ ଅନେକ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରିଥିଲା । ଆମେରିକାର ଆଗାମୀ ନିର୍ବାଚନରେ ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ ସମୟଙ୍କ ରାଜନୈତିକ କ୍ୟାରିୟରକୁ ପ୍ରଶଂସା କରିବା ସହ





ତାଙ୍କର ସାଙ୍ଗଠନିକ ଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଛନ୍ତି । କମଳାଙ୍କ ମୁହଁରୁ ପ୍ରଶଂସା ପାଇବା ପରେ ବେଶ ଉତ୍ସାହିତ ସମୟ । ଡେମୋକ୍ରାଟିକ ଦଳର ନେତାଙ୍କ ପାଇଁ ଭାଷଣ ଦେବା ହେଉ କିମ୍ବା ରାଲିରେ ସମ୍ବୋଧନ ଦେଇ ବେଶ ଚର୍ଚ୍ଚିତ ସମୟ । ଏହାବ୍ୟତୀତ ସମୟ ବୋର୍ଡ ଅଫ ଏଜୁକେସନର ପ୍ରତିନିଧିତ୍ୱ କରୁଛନ୍ତି । ସମ୍ପ୍ରତି ଡାର୍ଟମାଉଥ କଲେଜର ଛାତ୍ର ଅଟନ୍ତି ସମୟ । ଆମେରିକା ରାଜନୀତିରେ ଡେମୋକ୍ରାଟିକ ଦଳର ବେଶ ଦବଦବା ରହିଥିବାବେଳେ ଉକ୍ତ ଦଳର ସକ୍ରିୟ ରାଜନୀତିରେ ସମୟଙ୍କ ଭଳି ଯୁବ ପ୍ରତିନିଧିତ୍ୱ ଓଡ଼ିଆ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ନିଶ୍ଚୟ । ଟେଲିଫୋନ ଯୋଗେ ଦୈନିକ‘ପର୍ଯ୍ୟବେକ୍ଷକ’ ଓ ‘ଦି କଳିଙ୍ଗ କ୍ରୋନିକିଲ’ ସହ ସାକ୍ଷାତକାର ବେଳେ ପିତା,ମାତା ହିଁ ତାଙ୍କର ପ୍ରେରଣା ବୋଲି ପ୍ରକାଶ କରି ଆଗାମୀ ଦିନରେ ପାଠ ପଢ଼ି ଚାକିରି କଲେ ମଧ୍ୟ ସକ୍ରିୟ ରାଜନୀତିରେ ରହିବେ ବୋଲି ସ୍ପଷ୍ଟ କରିଛନ୍ତି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଚର୍ଚ୍ଚାରେ 'ହରାମ୍‌ଖୋର'



ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

# ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା

ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡ଼ିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା । ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା । ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ । ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି । ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର । ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି । ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ । ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ । ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ । ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ । ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା । ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ' । ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ । ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ । ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ । ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଜନା ସୃଷ୍ଟି କରିଛନ୍ତି । ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି । ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା । ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ । ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା । ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ । ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା । ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗାଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ । ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା । ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ । ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି । ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ । ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି । ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର । ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ । ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି । ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ । ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ । କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ । ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି । ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ । ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ । ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି । ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି । ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି । ଏହାର ସଂଳାପ ଲେଖିଛନ୍ତି ଟୁକୁନା । ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି ।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ

ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ । ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ । ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୂଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।





ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ । ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା







ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ





ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି



ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ । ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଟ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ । ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ



ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଟ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
ପର୍ଯ୍ୟବେକ୍ଷକ
Bhubaneswar Saturday September 07 2024 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୦୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଶିକ୍ଷକ ଉମାକାନ୍ତ କରଙ୍କୁ ଶିକ୍ଷା ଉତ୍କର୍ଷ ସମ୍ମାନ-୨୦୨୪



କେନ୍ଦ୍ରାପଡ଼ା,(ପି.ଏନ): ସଂଖ୍ୟାଲଘୁ ଉନ୍ନୟନ ଟ୍ରଷ୍ଟ ଉର୍ଦ୍ଦୁ ପାଠାଗାର ପରିଚାଳନା ସମିତିର ମିଳିତ ଆନୁକୂଲ୍ୟରେ ଜାତୀୟ ଶିକ୍ଷକ ଦିବସ ପାଳନ ଉପଲକ୍ଷେ ଉର୍ଦ୍ଦୁ ପାଠାଗାର ତଥା ଗୋଷ୍ଠିକେନ୍ଦ୍ର ପରିସରରେ ଏକ ଜିଲ୍ଲା ସ୍ତରୀୟ ଶିକ୍ଷକ ଉତ୍କର୍ଷ ପୁରସ୍କାର ଉତ୍ସବ - ୨୦୨୪ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟର ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ.ସି.ଇ.ଆର.ଟି.ର ସହକାରୀ ନିର୍ଦ୍ଦେଶକ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ସମ୍ମାନୀତ ଅତିଥି ଭାବେ ନଗରପାଳ ସରିତା ସାହୁ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଡ. ଦୟାସିନ୍ଧୁ ପରିଡା, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବଗଡାସ୍ଥିତ ସିଦ୍ଧ ମରିଚାଣୀ ନୋଡାଲ ବିଦ୍ୟାପୀଠର ଶିକ୍ଷକ ଉମାକାନ୍ତ କରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ଜିଲ୍ଲା ଉତ୍କର୍ଷ ଶିକ୍ଷା ସମ୍ମାନ -୨୦୨୪ ସମ୍ମାନରେ ସମ୍ମାନୀତ କରିଥିଲେ। ଶିକ୍ଷକ ଶ୍ରୀ କର ଶାରିରୀକ ଶିକ୍ଷା କ୍ଷେତ୍ରରେ ଜାତୀୟ ସ୍ତରର ଖେଳାଳୀ ସୃଷ୍ଟି କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବିଭିନ୍ନ ବର୍ଗର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ଶେଷରେ ମହମ୍ମଦ ଫାୟାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼େଇବାଙ୍କ ଛକକୁ ଆଜି ଆସିବେ ନବୀନ : ୧୫ହଜାର ପ୍ରସାଦ ବଂଟନ, ୨ହଜାର ଚାରା ବଂଟନ

ଭୁବନେଶ୍ୱର,(ପି.ଏନ): ଶନିବାର ଗଣେଶ ପୂଜା ସନ୍ଧ୍ୟାରେ ପୁରୁଣା ଭୁବନେଶ୍ୱର ବଡ଼େଇବାଙ୍କ ଛକକୁ ଆସିବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗଜାନନଙ୍କ ଆର୍ଶିବାଦ ନେବେ। ଏଥି ପାଇଁ ଚଳଚଂଚଳ ପୁରୁଣା ଭୁବନେଶ୍ୱର। ପୁଲିସ ବିଭାଗ ପକ୍ଷରୁ ସମିକ୍ଷା କାର୍ଯ୍ୟ ଶେଷ ହୋଇଛି। ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଆଶୀର୍ବାଦକ୍ରମେ 'ଏକାମ୍ର ରାଜା ଚାରିଟେବୁଲ ଟ୍ରଷ୍ଟ' ଆନୁକୁଲ୍ୟରେ ଏକାମ୍ର ରାଜା ଗଣେଶ ପୂଜା ବଡ଼େଇବାଙ୍କ ଛକ ସ୍ଥିତ ଦେବୀ ମଣ୍ଡପରେ ଅନୁଷ୍ଠିତ ହୋଇ ଆସୁଛି । 'ବଡୁ ସେବକ'ମାନେ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ବିଧି ମୁତାବକ ପୂଜା କାର୍ଯ୍ୟ କରାଯିବ। ଗଣେଶ ପୂଜା ଦିନ ମଧ୍ୟାହ୍ନ ଦିନରେ ୧୫ହଜାର ଲୋକଙ୍କ ପାଇଁ ପ୍ରସାଦ ବଂଟନ, ୨ହଜାର ଲୋକଙ୍କ ପାଇଁ ଚାରା ବଂଟନ କରାଯିବା ସହ ସନ୍ଧ୍ୟାରେ ଭଜନ ସମାରୋହ କରାଯିବ ବୋଲି ଟ୍ରଷ୍ଟର ସଭାପତି ଅମୀୟ ଦାଶ କହିଛନ୍ତି।

# ବରିଷ୍ଠ ନାଗରିକ ସମନ୍ୱୟ ସମିତି ବୈଠକ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅଧିନ ଅଳପୁଆ ପଞ୍ଚାୟତ ବରିଷ୍ଠ ନାଗରିକ ସମନ୍ୱୟ ସମିତି ବୈଠକ ପବିତ୍ର ଗୁରୁ ଦିବସ ଅବସରରେ ତଳାପଡ଼ିଆ ଦୁର୍ଗା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସମନ୍ୱୟ ସମିତି ସଭାପତି ବିଭୁତି ଭୂଷଣ ପଟ୍ଟନାୟକଙ୍କ ପୌରାହିତ୍ୟରେ ଆୟୋଜିତ ବୈଠକରେ ଅଳପୁଆ ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ପୂର୍ବତନ ସରପଞ୍ଚ କିଶୋର ବେହେରା, ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ, ପ୍ରାକ୍ତନ ସି ଆର ସି ସି ଶିକ୍ଷାବିତ ସୁଦର୍ଶନ ପତି,ବସୁଦେବ ବିଶ୍ୱାଳ, କବି ନୃସିଂହ ରାଉତ, ସାମାଜିକ କର୍ମୀ ଗଗନ ମହାଳିକ ରତିକାନ୍ତ ଧଳ, କୈଳାସ ଦାସ ରବୀନ୍ଦ୍ର ପରିଡା, ନରେନ୍ଦ୍ର ଧଳ, କିଶୋର ରାଉତ, ଦିଲ୍ଲୀପ ବିଶ୍ୱାଳ, କୃତ୍ତିବାସ ସାହୁ ,ଗୋପୀନାଥ ମହାନ୍ତି, ଉମାକାନ୍ତ ବିହାରୀ ,ଶ୍ରୀବନ୍ତ ପଣ୍ଡା, ଡମ୍ବରୁଧର ବିଶ୍ୱାଳ, ନିରାକାର ବିଶ୍ୱାଳ, ଅଚ୍ୟୁତାନନ୍ଦ ଦାସ, ବସନ୍ତ ଦାସ, ବସନ୍ତ ରାଉତ, ଗିରିଧାରୀ ବିଶ୍ୱାଳ, ମୁରଲୀଧର ବିଶ୍ୱାଳ, ନିମାଇଁ ସେଠୀ, ପ୍ରଶାନ୍ତ ସେଠୀ, ବେଣୁଧର ଜେନା, ଦୀନବନ୍ଧୁ ଜେନା, କାଙ୍ଗାଳି ମଳିକ, ଇନ୍ଦ୍ରମଣୀ ଧଳ, ନିରଞ୍ଜନ ଧଳ, ସନ୍ତୋଷ ଦାସ, ରଞ୍ଜିତ ନାୟକ ପ୍ରମୁଖ ବହୁ ବରିଷ୍ଠ ନାଗରିକ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ। ଏଥି ସହିତ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଅଳପୁଆ ପଞ୍ଚାୟତର ବିକାଶ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। କବି ନୃସିଂହ ରାଉତ ବରିଷ୍ଠ ନାଗରିକଙ୍କ ଉପରେ କବିତା ପାଠ କରିଥିଲେ। ସମିତି ସଭ୍ୟ ଶ୍ରୀ ସେଠୀ ବରିଷ୍ଠ ନାଗରିକଙ୍କ ସମସ୍ୟା ଦୂରୀକରଣ ଓ ଅଞ୍ଚଳ ବିକାଶ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶୃତି ଦେଇଥିଲେ। ଶେଷରେ ସମ୍ପାଦକ ବସୁଦେବ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ଯୋଜନା ଫର୍ମ ପୂରଣରେ ଲାଞ୍ଚ ଅଭିଯୋଗ : ଜିଲ୍ଲାପାଳଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ

କେନ୍ଦ୍ରାପଡ଼ା,(ପି.ଏନ): ସୁଭଦ୍ରା ଯୋଜନା ଫର୍ମ ପ୍ରକ୍ରିୟାକରଣ କରିବା ପାଇଁ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରିବା ଘଟଣାକୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଗୁରୁତର ସହ ଗ୍ରହଣ କରିଛନ୍ତି। ଏ ନେଇ ଦୁଇଟି ଜନସେବା କେନ୍ଦ୍ର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏଥିସହ ଜଣେ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଡେରାବିଶ ବ୍ଲକ ଅଧିନ ବେଲାରପୁର ଗ୍ରାମରେ ଜନସେବା କେନ୍ଦ୍ର କରିଥିବା ତପନ କୁମାର ପଣ୍ଡା ଓ ଶ୍ରୀକାନ୍ତ କୁମାର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉଭୟ ହିତାଧିକାରୀଙ୍କୁ ଟଙ୍କା ମାଗୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ପ୍ରମାଣ ମିଳିବା ପରେ ଜିଲ୍ଲାପାଳ ଉଭୟଙ୍କ ୟୁଜର ଆଇଡିକୁ ନିଷ୍କ୍ରିୟ କରି ଦେଇଛନ୍ତି । ଫଳରେ ଉଭୟ ଏଣିକି ଲୋକଙ୍କୁ ସେବା ଯୋଗାଇ ପାରିବେ ନାହିଁ । ସେହିପରି ଡେରାବିଶ ବ୍ଲକର ବଡ଼ସରଦେଇପୁର ଗ୍ରାମର ଅଙ୍ଗନୱାଡି କର୍ମୀ ପୁଷ୍ପଲତା ପଣ୍ଡା ହିତାଧିକାରୀଙ୍କ ସହ ଦୁର୍ବ୍ୟବହାର କରିବା ନେଇ ଅଭିଯୋଗ ହେବା ପରେ ଜିଲ୍ଲାପାଳ ତାଙ୍କ ଦରମା ବନ୍ଦ କରିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

# ନିର୍ବାହୀ ଅଧିକାରୀଙ୍କ ମେରିରାୟ ନୀତି ନିଜସ୍ୱ ନା ନିରୁପାୟ

ଧାମନଗର,(ପି.ଏନ): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନରେ ନିର୍ବାହୀ ଅଧିକାରୀଙ୍କ ମେରିରାୟ ନୀତି ପାଇଁ ପାରିଷଦ ମାନେ ଅସନ୍ତୁଷ୍ଟ। ଘଟଣାରୁ ଯାହା ଜଣାଯାଏ,ଏନଏସି କାର୍ଯ୍ୟାଳୟ ପରିସରରେ ଅଧକ୍ଷା ନିବେଦିତା ଜେନାଙ୍କ ଅଧକ୍ଷତାରେ ସ୍ୱାୟତ୍ତ ଶାସନ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତି ୱାର୍ଡ କାଉନସିଲରକୁ ୧୦ଖଣ୍ଡ ଲେଖାଏଁ ନିମନ୍ତ୍ରଣ କାର୍ଡ ଦିଆଯିବା,ସେବାଶ୍ରମ ବିଦ୍ୟାଳୟ ଜୟନଗର ଠାରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ, ନିକଟସ୍ଥ ତିନି ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଏନଏସି ପକ୍ଷରୁ ମାନପତ୍ର ପ୍ରଦାନ, ବୁଦ୍ଧିଜୀବୀ,ସାମ୍ବାଦିକ, ସ୍ଥାନୀୟ ଅଞ୍ଚଳର ସବୁ ଦଳର ନେତୃମଣ୍ଡଳୀଙ୍କୁ ନିମନ୍ତ୍ରଣ କରାଯିବା ଇତ୍ୟାଦି ପ୍ରସ୍ତାବ ଉପରେ ସର୍ବ ସହମତି ନିଷ୍ପତ୍ତି ଗ୍ରହଣ କରାଯାଇ ଥିଲା। ମାତ୍ର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପାରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତିକୁ ଖୁଲମଖୁଲା ବେଖାତିର ପୂର୍ବକ ମନମୁଖୀ ଭାବେ ଏହି ମର୍ଯ୍ୟାଦାପୂର୍ଣ୍ଣ ଦିବସ ପାଳନ କରିଥିବାରୁ କିଛି ପାରିଷଦ ଏପରି କାର୍ଯ୍ୟ ଶୈଳୀକୁ ନାପସନ୍ଦ କରିଛନ୍ତି। ନିର୍ବାହୀ ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟ ବିରୋଧରେ ଉପାଧକ୍ଷ ଦୁଃଖର ସହ ଜିଲ୍ଲାପାଳଙ୍କୁ ଅବଗତ କରିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚ୍ୟ ବିଷୟ ପାଲଟିଛି।କାହା ନିର୍ଦ୍ଦେଶ ଓ କେଉଁ ସ୍ୱାର୍ଥ ପାଇଁ ଶ୍ରୀ ନାୟକ ଏଭଳି ମନୋମୁଖୀ କାର୍ଯ୍ୟ ଚଳାଇଛନ୍ତି ତାର ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ହୋଇଛି। ନିର୍ବାହୀ ଅଧିକାରୀଙ୍କ ଏଭଳି କାର୍ଯ୍ୟକଳାପ ଦ୍ୱାରା ନିର୍ବାଚିତ ପାରିଷଦ ମାନେ ଲୋକପ୍ରିୟତା ହରାଇବେ। ଶ୍ରୀ ନାୟକଙ୍କ ଏଭଳି ରକ୍ଷଣଶୀଳ କାର୍ଯ୍ୟକଳାପ ନିଜସ୍ୱ ଅବା ନିରୁପାୟ ସେ ସ୍ପଷ୍ଟ କରିବା ଉଚିତ। ଏ ସମ୍ପର୍କରେ ସଂପୃକ୍ତ ନିର୍ବାହୀ ଅଧିକାରୀଙ୍କ ସହ ଯୋଗଯୋଗ କରିବାରୁ ଏଭଳି ଅଭିଯୋଗ ସମ୍ପୂର୍ଣ ମିଛ ଓ କପୋଳକଳ୍ପିତ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଭିଜିଲାନ୍ସ ଜାଲରେ ଗୋପାଳପୁର କଲେଜ ଅଧକ୍ଷ

ଭବାନୀପାଟଣା,(ପି.ଏନ): ଜନୈକା ଛାତ୍ରୀର ଯୁକ୍ତ ଦୁଇ ପ୍ରଥମ ବର୍ଷରେ ନାମ ଲେଖା ଏବଂ ପରୀକ୍ଷା ସମୟରେ ସହଯୋଗ କରିବା ପାଇଁ ୧୦, ୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ କଲେଜ ଅଧକ୍ଷ ଙ୍କୁ ମାଡି ବସିଛି କଳାହାଣ୍ଡି ଭିଜିଲାନ୍ସ । ସୂଚନାନୁଯାୟୀ, କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଏସ ଏସ ଡି ଯୁକ୍ତ ଦୁଇ ଅଧକ୍ଷ ନବୀନ କୁମାର ସାହୁ ଜଣେ ଛାତ୍ରୀଙ୍କ ନାମ ଲେଖା ଏବଂ ପରୀକ୍ଷା ସମୟରେ ସହଯୋଗ କରିବାପାଇଁ ସୁମିତ୍ରା ନାଏକ ନାମକ ଜନୈକା ଅଭିଭାବିକକ୍ଷଙ୍କୁ ଲାଞ୍ଚ ଦାବୀ କରିଥିଲେ । ଏ ସମ୍ପର୍କରେ ଅଭିଯୋଗକାରିଣୀ କଳାହାଣ୍ଡି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ କ୍ଷ ଯୋଜନା ମୁତାବକ ଶୁକ୍ରବାର ଗୋପାଳପୁର ଯୁକ୍ତ ଦୁଇ କଲେଜ କାର୍ଯ୍ୟାଳୟରେ ଅଧକ୍ଷ ନବୀନ କୁମାର ସାହୁ ୧୦, ୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ମାଡି ବସିଥିଲେ କ୍ଷ ଅଧକ୍ଷ ଶ୍ରୀ ସାହୁଙ୍କ ଠାରୁ ଉକ୍ତ ଲାଞ୍ଚ ଟଙ୍କା ମଧ୍ୟ ଉଦ୍ଧାର କରି ଜବତ କରିଥିବା ସୂଚନା ମିଳିଛି କ୍ଷ କଳାହାଣ୍ଡି ଭିଜିଲାନ୍ସ ଡ଼ିଏସପି ପ୍ରଦୀପ କୁମାର ଆଇଣ୍ଡ ଙ୍କ ନିର୍ଦ୍ଦେଶ ରେ ଇନ୍ସପେକ୍ଟର ପ୍ରମିଳା ସୁନା, ଏ ଏସ ଆଇ ବେଣୁଧର ବେହେରା, ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ଏହି ଚଢ଼ାଉ କରିଥିଲେ କ୍ଷ ଅଧକ୍ଷ ସାହୁଙ୍କ ମେଦିନୀପୁର ସ୍ଥିତ ବାସ ଭବନରେ ମଧ୍ୟ ଚଢ଼ାଉ ଜାରି ରହିଥିବା ଡିଏସପି ଶ୍ରୀ ଆଇଣ୍ଡ ସୂଚନା ଦେଇଛନ୍ତି କ୍ଷ ଏ ସମ୍ପର୍କରେ ଏକ ମାମଲା ୧୭/ ୨୦୨୪ ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି ।

# ସଂଖ୍ୟାଲଘୁ ସେଲ ରାଜ୍ୟ ସ୍ତରୀୟ ସମ୍ମିଳନୀରେ ଯୋଗ ଦେଇ ସମସ୍ତେ କାମ କରିବାକୁ ନବୀନଙ୍କ ପରାମର୍ଶ





ଧାମନଗର,(ପି.ଏନ): ସରକାର ବଦଳିବା ପରେ ସଂଖ୍ୟାଲଘୁ ମାନଙ୍କ ସୁରକ୍ଷା ବ୍ୟବସ୍ଥା କିପରି ବଜାୟ ରଖିବା ଏବଂ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ରାଜ୍ୟ ସଂଖ୍ୟାଲଘୁ ସେଲ ସଭାପତି ତଥା ରାଜ୍ୟସଭା ସାଂସଦ ମାନ୍ୟବର ମୋଜିବିଲ୍ଲା ଖାଁଙ୍କ ଆହ୍ୱାନ କ୍ରମେ ବିଜୁ ଜନତା ଦଳ କାର୍ଯ୍ୟାଳୟ ତଥା ଶଙ୍ଖ ଭବନ ପରିସରରେ ସଂଖ୍ୟାଲଘୁ ସେଲ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆମର ଏ ଦେଶ ଆମର ଏ ମାଟି ଆମ ଭାବନା ନେଇ ଆମର ପ୍ରିୟ ଭାରତ ତଥା ଆମର ପ୍ରିୟ ଓଡିଶାର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂଖ୍ୟାଲଘୁ ଭାଇ ଓ ଭଉଣୀ ମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଗୁରୁବାର ଶଙ୍ଖ ଭବନ ଠାରେ ବିଜେଡି ଭାଇ ଓ ଭଉଣୀ ମାନଙ୍କୁ ସମ୍ବୋଧନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଶକ୍ତି ଓ ସଦଭାବ ନାହିଁ ପ୍ରଗତିର ଭିତ୍ତି ଏଥି ଯୋଗୁଁ ହିଁ ଓଡିଶା ବିଭିନ୍ନ କ୍ଷେତ୍ର ର ପ୍ରଗତି ହାସଲ କରିପାରିଛି। ତେଣୁ ସଦଭାବନା ବଜାୟ ରଖିବା ପାଇଁ କାମ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସଂଖ୍ୟାଲଘୁ ଭାଇ ଭଉଣୀ ମାନେ ତାଙ୍କୁ ପ୍ରତିଦିନ ଭେଟୁଛନ୍ତି ଏବ ସେମାନଙ୍କ ମନରେ ଅସୁରକ୍ଷା ଭାବନା ରହୁଥିବା ବିଷୟରେ ଜଣାଉଛନ୍ତି। ବିଜେଡି ୱାକଫ ବିଲକୁ ବିରୋଧ କରିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଥିଲେ। ଓଡିଶା ସଦଭାବନା ଓ ଭାଇଚାରା ପାଇଁ ପ୍ରସିଦ୍ଧ ଓଡିଶାର ସାଂସ୍କୃତିକ ବିବିଧତା ଆମର ଗୌରବ। ଦେଶର ପ୍ରଗତିରେ ସଂଖ୍ୟାଲଘୁ ମାନଙ୍କ ଅବଦାନକୁ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମସ୍ତଙ୍କ ସହଯୋଗ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଜରୁରୀ। ସାମ୍ପ୍ରଦାୟିକ ସଦଭାବନାକୁ ଭାରତୀୟ ସଂସ୍କୃତିର ମୂଳଧାର ବୋଲି ବର୍ଣ୍ଣନା କରି ସମାଜର ଦୁର୍ବଳ ବର୍ଗର କଲ୍ୟାଣ ପାଇଁ ବିଜେଡି ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଗୁଡିକୁ ବଞ୍ଚାଇବା ଉପରେ ଶ୍ରୀ ନବୀନ ଆଲୋକପାତ କରିଥିଲେ। ରାଜ୍ୟସଭା ସାଂସଦ ମୁନ୍ନା ଖାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଖ୍ୟାଲଘୁ ସାମ୍ପ୍ରଦାୟିକ ବିଭିନ୍ନ ବର୍ଗର ତଥା ମୁସଲିମ, ଖ୍ରୀଷ୍ଟିଆନ, ବୌଦ୍ଧ ଓ ଶିଖ ଧର୍ମର ପ୍ରତିନିଧିଙ୍କ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ବିଧାୟକ,ପୂର୍ବତନ ବିଧାୟକ,ପୂର୍ବତନ ମନ୍ତ୍ରୀ ଯୋଗ ଦେଇଥିବା ବେଳେ ଭଦ୍ରକ ସହ ବିଭିନ୍ନ ମ୍ୟୁନସିପାଟି ଅଧକ୍ଷ ଓ ଅଧକ୍ଷା ଜିଲ୍ଲା ଓ ବ୍ଲକ କର୍ମକର୍ତ୍ତା ଯୋଗ ଦେଇ ସଂଖ୍ୟାଲଘୁ ସଂଗଠନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସଂଖ୍ୟାଲଘୁ ରାଜ୍ୟ ଯୁବ ନେତୃତ୍ୱ ମହମ୍ମଦ ଫାରୁକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray